# Akashvani, Sambalpur

## SAMBALPURI NEWS BULLETIN

### 28 November 2024- 6.47- 6.52 am.

**********************************************

ପ୍ରଧାନ୍‌ମନ୍ତ୍ରୀ-ଓଡ଼ିଶା ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ଆଏବା କାଏଲ୍ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ ସମ୍ମିଲନୀ ହେବାର୍‌କେ ଯାଉଛେ । ପହେଲାଥର୍ ଭୁବ୍‌ନେଶ୍ୱର୍ ନ ହେବାର୍‌କେ ଯାଉଥିବା ଇ ସମ୍ମିଲନୀଥି ଯୋଗ୍ ଦେବାର୍‌କେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଉପର୍‌ବେଲା ଓଡ଼ିଶା ଗସ୍ତ ନ ଆସୁଛନ୍ । ହେଥିର୍‌ଲାଗି ଭୁବ୍‌ନେଶ୍ୱର୍ ନ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛେ । ସହରର୍ ୬ ଟା ଇଲାକାକେ ନୋ ଫ୍ଲାଇଙ୍ଗ୍ ଜୋନ୍ କରାଯିବାର୍ ସହେତେ ଡ୍ରୋନ୍ ଉଡ଼ାନ୍ ଉପ୍‌ରେ କଟ୍‌କନା ଲଗାଯାଇଛେ । ସୂଚ୍‌ନା ଅନ୍‌ସାରେ ପ୍ରଧାନ୍‌ମନ୍ତ୍ରୀ ଆଏବା କାଏଲ୍ ଉପର୍‌ବେଲା ଭୁବ୍‌ନେଶ୍ୱର୍ ପୁହୁଁଚିଲା ଉତ୍‌ରୁ ଗୁଟେ ସାଧାରଣ ସଭାକେ ସମ୍ବୋଧନ୍ କର୍‌ବାର୍ ସହେତେ ରାଜ୍‌ଭବନ୍‌ତକ୍ ରୋଡ୍ ସୋ କର୍‌ବେ । ହେତାର୍ ଉତ୍‌ରୁ ପ୍ରଧାନ୍‌ମନ୍ତ୍ରୀ ବିଜେପି ରାଜ୍ୟ କାର୍ଯ୍ୟାଳୟ ନ ଦଳୀୟ କର୍ମକର୍ତାମାନ୍‌କର୍ ସାଙ୍ଗେ ବୈଠକ୍

କର୍‌ବେ । ପ୍ରଧାନ୍‌ମନ୍ତ୍ରୀ ଶନିବାର୍ ଦିନ ପୁଲିସ୍ ମହାନିର୍ଦ୍ଦେଶକ୍ ସମ୍ମିଲନୀଥି ଯୋଗ୍ ଦେବେ । ପ୍ରଧାନ୍‌ମନ୍ତ୍ରୀ ରଏବାର୍ ଦିନ ଦିଲ୍ଲୀ ଫିର୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ବିଧାନ୍‌ସଭା-ଗୃହକାର୍ଯ୍ୟ ବନ୍ଦ ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ନ ଶୁକ୍ରବାର୍‌ନୁ ଆଏବା ମାସର୍ ୧ ତାରିଖ୍‌ତକ୍ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ୍ ସମ୍ମିଲନୀ ହେବାର୍‌କେ ଯାଉଥିବାର୍‌ନୁ ଆଏବା କାଏଲ୍ ଆର୍ ପର୍‌ଦିନ ବିଧାନ୍‌ସଭାର୍ ଗୃହକାର୍ଯ୍ୟ ବନ୍ଦ୍ ରହେବା । ଗୃହ କାର୍ଯ୍ୟ ପରାମର୍ଶଦାତା କମିଟିର୍ ବୈଠକ୍ ଅନ୍‌ସାରେ ଇ ନିଷ୍ପତି ନିଆଯାଇଛେ ବଲି ବାଚସ୍ପତି ସୁରମା ପାଢ଼ୀ ଗଲାକାଏଲ୍ ଗୃହ ନ ଘୋଷ୍‌ନା କରିଛନ୍ । ସୂଚ୍‌ନା ଅନ୍‌ସାରେ ଡିସେମ୍ବର୍ ୨ ତାରିଖ୍‌ନୁ ବିଧାନ୍‌ସଭାର୍ ଗୃହ କାମ୍ ସ୍ୱାଭାବିକ୍ ଭାବେ ଚାଲ୍‌ବା ।

ଉତ୍ସାହ- କ୍ରୀଡ଼ା ପ୍ରତିଯୋଗିତା ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ନ ରାଜ୍ୟର୍ ଶିଶୁଯତ୍ନ ଅନୁଷ୍ଠାନ୍ - ସିସିଆଇ ମାନ୍‌କର୍ ଛୁଆଙ୍କୁ ନେଇକରି ରାଜ୍ୟସ୍ତରୀୟ ଶିଶୁ

ମହୋତ୍ସବ୍ 'ଉତ୍ସାହ' କ୍ରୀଡ଼ା ପ୍ରତିଯୋଗିତା ଆର୍ କେତେ ସମିଆ ଉତ୍‌ରୁ ମୁଲ୍ ହେବା । ସଖାଲର୍ ୮ ବାଜିକରି ୪୫ ମିନିଟ୍‌ଥି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ହେତାର୍ ଉଦ୍‌ଘାଟନ୍ କର୍‌ବେ । ଉଦ୍‌ଘାଟନୀ ଉତ୍ସବ୍‌ଥି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଭିଲ୍ ଉପସ୍ଥିତ୍ ରହେବେ ।

ବିମାନ୍ ସେବା        ଆର୍‌ଏନ୍‌ୟୁ / ସମ୍ବଲପୁର

ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍‌ନୁ ଏତ୍‌କର ଲକ୍ଷ୍ନୌ, ଜୟପୁର୍ ଆର୍ କୋଚି ସହର୍‌କେ ବିମାନ୍ ସେବା ମୁଲ୍ ହେବା । ସୂଚ୍‌ନା ଅନ୍‌ସାରେ ଆଏବା ବଛର୍ ଜାନୁଆରୀ ୨୫ ତାରିଖ୍‌ନୁ ହେ ତିନ୍‌ହି ସହର୍‌କେ ବିମାନ୍ ଚାଲ୍‌ବା ।

ପିଏମ୍‌ଏୱାଇ- ଆପ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନା- ଅଧୀନ୍‌ଥି ଗ୍ରାମୀଣ ଘର୍ ଆବଂଟନ୍ ଲାଗି ପଂଚାୟତିରାଜ୍ ବିଭାଗ୍ ତର୍‌ଫୁ ନୂଆଁ ଗାଇଡ଼୍ ଲାଇନ୍ କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଏତ୍‌କର ଘର୍ ଲାଗି ବ୍ଲକ୍ ପଂଚାୟତ୍ କର୍ମଚାରୀ କି ସର୍‌ପଂଚ୍‌ଙ୍କର୍ ଜରିଏ

ସର୍ଭେ ନାଇଁ ହୁଏ । ଲୁକେ ନିଜେ ନିଜର୍ ସର୍ଭେ କର୍‌ବେ । ଲୁକେ ଆପ୍ ଖୁଲିକରି ଗୁଟେ ଗୁଟେ କରି ନିଜର୍ ତଥ୍ୟ ଭର୍‌ବେ, ପୁର୍‌ନା ଘରର୍ ଫଟୋ ଉଠେଇକରି ଅପ୍‌ଲୋଡ୍ କର୍‌ବେ, ସବୁ ତଥ୍ୟ ସିଧାସଲଖ୍ ଆବାସ ପ୍ଲସ୍ ପୋର୍ଟାଲ୍‌କେ ଯିବା । ଲୁକେ ଯେନ୍ତା ନିଜେ ନିଜର୍ ସର୍ଭେ କରିପାର୍‌ବେ, ହେଟା ଶିଖାବାର୍‌କେ ଆଏବା ମାସର୍ ୨ ତାରିଖ୍‌ନୁ ପଂଚାୟତ୍‌ସ୍ତର ନ କର୍ମଶାଳା କରାଯିବା । ଆବାସ ଘର୍ ଆବଂଟନ୍‌ଥି ରାଜ୍‌ନୀତିକ୍ ମନ୍‌ମାନି ଆର୍ ଲାଂଚ୍ କାର୍‌ବାର୍ ରୁକ୍‌ବାର୍‌କେ ଇ ବ୍ୟବସ୍ଥା କରାଯାଇଛେ ।

ଜଳମିତ୍ର ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ ଆର୍‌ଏନ୍‌ୟୁ / ସମ୍ବଲପୁର

ଜଳ ଆର୍ ଭୂମି ପରିଚାଳନା ପ୍ରତିଷ୍ଠାନ୍ ତର୍‌ଫୁ ରାଜ୍ୟର୍ ଭିନ୍ ଭିନ୍ ଜିଲ୍ଲା ନ ଜଳମିତ୍ରମାନ୍‌କର୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ କରାଯାଉଛେ । ଗଲାକାଏଲ୍ କଲାହାଣ୍ଡି ଜିଲ୍ଲାର୍ ନର୍ଲା, ଗୋଲାମୁଣ୍ଡା, ଲାଞ୍ଜିଗଡ୍, ଭବାନୀପାଟ୍‌ନା ଆର୍ କେସିଙ୍ଗା, ବଲାଙ୍ଗିର୍ ଜିଲ୍ଲାର୍ ବେଲପଡ଼ା, ବଙ୍ଗୋମୁଣ୍ଡା, ପାଟ୍‌ନାଗଡ଼୍, ଗୁଡ଼୍‌ଭେଲା ଆର୍ ସଇଁତଲା, ନୂଆପଡ଼ା ଜିଲ୍ଲାର୍ ବୋଡ଼େନ, ନୂଆପଡ଼ା, ସିନାପାଲି ଆର୍ କୋମ୍‌ନା ଆଉ ସମ୍ବଲ୍‌ପୁର୍ ଜିଲ୍ଲାର୍ ବାମ୍‌ରା ବ୍ଲକ୍ ନ ଜଳମିତ୍ରମାନ୍‌କର୍ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍

ହେଇଥିଲା । ଇ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍‌ଥି ଭୂତଳ ଜଳର ଗୁରୁତ୍ୱ ଆର୍ ତାର୍ ପରିଚାଳନା ବାବ୍‌ଦେ ଜଳମିତ୍ରମାନ୍‌କୁ ତାଲିମ୍ ଦିଆଯାଉଛେ ।

ଧାନ୍ ଘିନା-ଟୋଲ୍‌ଫ୍ରି ନମ୍ବର୍ ଆର୍‌ଏନ୍‌ୟୁ / ସମ୍ବଲପୁର

ଧାନ୍ ଘିନାଥି ଚାଷୀମାନେ ଯେନ୍ତା ନିଜର୍ ହକ୍ ପାଏବାର୍‌ଥୁ ବଂଚିତ୍ ନାଇଁ ହୁଅନ୍ ସେଥିର୍‌ଲାଗି ରାଜ୍ୟ ସର୍‌କାର୍ ସବୁ ପ୍ରକାରର୍ ବ୍ୟବସ୍ଥା କରିଥିବାର୍ ବେଲେ ଚାଷୀ କେହେନି ସମସ୍ୟାଥି ପଡ଼୍‌ଲେ ଟୋଲ୍ ଫ୍ରି ନମ୍ବର୍ ୧୯୬୭ଥି ଯୋଗାଯୋଗ୍ କରିପାର୍‌ବେ । ରାଜ୍ୟ ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଇ ସୂଚ୍‌ନା ଦେଇଛନ୍ ।

ଏସ୍‌ସିବି- ସିଓସି ମାନ୍ୟତା ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ସିକିଲ୍‌ସେଲ୍ ରୋଗୀମାନ୍‌କୁ ଚିକିତ୍ସା ଆର୍ ସେବା ଯୁଗଉଥିବା କଟକ୍ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ୍ କଲେଜ୍ ହାସ୍‌ପାତାଲ୍‌କେ ସେଂଟର୍ ଅଫ୍ କମ୍ପିଟେନ୍ସ - ସିଓସି ମାଏନ୍‌ତା ମିଲିଛେ । ହାସ୍‌ପାତାଲ୍‌ର ୱାନ୍ ଷ୍ଟପ୍ ସେଂଟର୍‌ଥି ସିକିଲ୍ ସେଲ୍

ରୋଗୀମାନ୍‌କୁ ଗୁଟେ ଜାଗା ନ ସବୁ ପ୍ରକାରର୍ ଚିକିତ୍ସା ସୁବିଧା ଯୁଗାବାର୍ ବ୍ୟବସ୍ଥା ଅଛେ । ଗଲାକାଏଲ୍ ୟୁନିସେଫ୍‌ର ଗୁଟେ ପ୍ରତିନିଧି ଦଲ୍ ଓ୍ୱାନ୍ ଷ୍ଟପ୍ ସେଂଟର୍ ନ ମିଲୁଥିବା ଚିକିତ୍ସା ସେବା ଅନୁଧ୍ୟାନ୍ କରିଥିଲେ । ଇନ ଜନେଇ ଦିଆଯାଇପାରେ ଯେ, ରାଜ୍ୟର୍ ଜନସଂଖ୍ୟାର୍ ୧୦ ପ୍ରତିଶତ୍ ଲୋକ୍ ସିକିଲ୍‌ସେଲ୍‌ଥି ଆକ୍ରାନ୍ତ ଥିବାର୍ ବେଲେ ସେମାନ୍‌କର୍ ଭିତ୍‌ରୁ ୨ ପ୍ରତିଶତ୍ ମେଜର୍ ଆର୍ ୮ ପ୍ରତିଶତ୍ କେରିଅର୍ ଆକ୍ରାନ୍ତ ଆନ୍ ।

ଇକୋ ରିଟ୍ରିଟ୍        ଆର୍‌ଏନ୍‌ୟୁ / ସମ୍ବଲପୁର

ରାଏଜେ ଶୀତ୍‌ଦିନିଆ ପର୍ଯ୍ୟଟନ୍ ଇକୋ ରିଟ୍ରିଟ୍ ମୁଲ୍ ହେବାର୍‌କେ ଯାଉଛେ । ଆଏବା ମାସର୍ ୧ ତାରିଖ୍‌ନୁ ହୀରାକୁଦ୍ ସହେତେ ରାଜ୍ୟର୍ ୬ ଟା ଜାଗା ନ ଇକୋ ରିଟ୍ରିଟ୍ ମୁଲ୍ ହେଇକରି ମାର୍ଚ୍ଚ ମାସର୍ ୧ ତାରିଖ୍‌ତକ୍ ଚାଲ୍‌ବା । ଇ ବଛର୍ ଇକୋ ରିଟ୍ରିଟ୍‌ର ଦାମ୍ ଭିଲ୍ କମ୍ କରାଯାଇଛେ । ଇକୋ ରିଟ୍ରିଟ୍ ହେବାର୍‌କେ ଥିବା ବାକି ଜାଗା ମାନେ ହେଲା ଭିତର୍‌କନିକା, ଦାରିଙ୍ଗ୍‌ବାଡ଼ି, ସାତକୋଶିଆ, ଗଞ୍ଜାମପୁର୍ ସୁନାପୁର୍ ଆର୍ କୋରାପୁଟ୍ ପୁଟଶିଲ ।

ସାଂସଦଙ୍କୁ ସାକ୍ଷାତ ଆର୍‌ଏନ୍‌ୟୁ / କଟକ୍

ନବରଙ୍ଗ୍‌ପୁର୍ -ଜୁନାଗଡ୍ ଆର୍ ମାଲ୍‌କାନ୍‌ଗିରି - ଭଦ୍ରାଚଲନ୍ ରେଲ୍‌ଲାଇନ୍ କାମ୍ ଜଲ୍‌ଦି ଶେଷ୍ କର୍‌ବାର୍‌କେ କଳାହାଣ୍ଡି ସାଂସଦ୍ ମାଳବିକା ଦେବୀ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଅନୁରୋଧ୍ କରିଛନ୍ । ହେତାର୍‌ସଙ୍ଗେ ସେ ନୂଆଦିଲ୍ଲୀ ନ ରେଲ୍‌ମନ୍ତ୍ରୀଙ୍କୁ ଭେଟିକରି ଜୟପୁର୍-ନବରଙ୍ଗ୍‌ପୁର୍ ଆର୍ ଜୟପୁର୍ ମାଲ୍‌କାନ୍‌ଗିରି ରେଲ୍‌ଲାଇନ୍ ଲାଗି ଜମି ଅଧିଗ୍ରହଣ୍ କାମ୍‌କେ ତ୍ୱରାନ୍ୱିତ୍ କର୍‌ବାର୍ ଲାଗି ପ୍ରସ୍ତାବ୍ ଦେଇଛନ୍ ।

ଆର୍ଥିକ ସାକ୍ଷରତା ଶିବିର ଡିଆଇପିଆର୍‌ଓ

ସମ୍ବଲପୁର ଜିଲ୍ଲା ଜମନ୍‌କିରା ବ୍ଲକ୍ ଅଫିସ୍ ନ ଜିଲ୍ଲା ସଂଚୟ ଆଉ ଆର୍ଥିକ୍ ସେବା ସଂଗଠନ୍ ତର୍‌ଫୁ ଆର୍ଥିକ ସାକ୍ଷରତା ଆଉ ସଚେତନତା ଶିବିର ହେଇଯାଇଛେ । ହେଥି ସମ୍ବଲ୍‌ପୁର ଡାକ ବିଭାଜନ୍‌ର ଡାକପାଳ ବି. ମହେଶ୍ୱର୍ ରାଓଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଯୋଗ୍ ଦେଇଥିଲେ । ସହଜେ ଅଏତ୍‌କା ଟଙ୍କା ମିଲ୍‌ବା ବଲି ନାଇଁ ଭାବିକରି ନିଜର୍ କମାଲା ଟଙ୍କାକେ ଡାକ୍‌ଘର୍ କି ସ୍ୱିକୃତୀ ପ୍ରାପ୍ତ ବେଙ୍କ୍ ନ ବିନିଯୋଗ୍ କର୍‌ବାର୍‌କେ

ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍ ଉପ୍‌ରେ ଜୋର୍ ଦିଆଯାଇଥିଲା ।

ଲୋକ୍‌ମହୋତ୍ସବ୍ ପ୍ରସ୍ତୁତି ବୈଠକ ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲପୁର୍ ଲୋକ୍‌ମହୋତ୍ସବ୍ ୨୦୨୫ର ପ୍ରସ୍ତୁତି ବୈଠକ୍ ଗଲାକାଏଲ୍ ବେଲ୍‌ବୁଡ଼ା ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍‌ଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍‌ଥି ସବୁ ବଛର୍ ବାଗିର୍ ଇ ବଛର୍ ଭିଲ୍ ୫ ଦିନ୍ ଧରିକରି ଲୋକ୍‌ମହୋତ୍ସବ୍ ସଙ୍ଗେ ପଲ୍ଲିଶ୍ରୀ ମେଳା କରାଯିବାର୍‌କେ ଆର୍ ହେଥି ଯୁଆନ୍ ମାନ୍‌କର୍ ଭାଗିଦାରୀ ବଢ଼ାବାର୍‌କେ ନିଷ୍ପତି ହେଇଥିଲା । ବୈଠକ୍‌ଥି ଏସ୍.ପି. ମୁକେଶ୍ କୁମାର୍ ଭାମୁ ସମ୍ବଲ୍‌ପୁର୍ ମହାନଗର୍ ନିଗମ୍‌ର ଆୟୁକ୍ତ ବେଦଭୂଷଣ୍‌ଙ୍କର୍ ସହେତେ ବରିଷ୍ଠ ଅଧିକାରୀ ଆର୍ ସାଂସ୍କୃତିକ୍ ସଂଗଠକ୍ ମାନେ ଭାଗ୍ ନେଇଥିଲେ ।